
# ମହିଳା ଓ ବାଳିକା ଚାଲାଣ ସମସ୍ୟା
# ନିରାକରଣ ପାଇଁ
# ଏକ ସହାୟକ ପୁସ୍ତିକା



Global Fund for Women

ISD
Institute for Social Development


ଆସନ୍ତୁ
ମହିଳା ଓ ବାଳିକା ଚାଲାଣ
ବନ୍ଦ କରିବା ପାଇଁ
ପଦକ୍ଷେପ ନେବା



ସମାଜରେ ମହିଳାଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ବାଛବିଚାରର ସମ୍ମୁଖୀନ ହୋଇଥାଏ । ଯାହା ଫଳରେ ସେ ବିଭିନ୍ନ ପ୍ରକାର ହିଂସାର ସମ୍ମୁଖୀନ ହେବା ସହ ତା'ର ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଥାଏ । ବ୍ୟକ୍ତି ଚାଲାଣ ସେହିଭଳି ଏକ ଲିଂଗଗତ ବିଭେଦ ଜନିତ ହିଂସା, ଯେଉଁଥିରେ ଜଣେ ବ୍ୟକ୍ତିକୁ ବସ୍ତୁଭାବରେ ବ୍ୟବହାର କରିବା ସହ ତା'ର ବିଭିନ୍ନ ଅଧିକାର କ୍ଷୁର୍ଣ୍ଣ କରାଯାଇଥାଏ । ବ୍ୟକ୍ତିଚାଲାଣ ଉଭୟ ପୁରୁଷ ଓ ମହିଳାମାନଙ୍କ ସମସ୍ୟା ହୋଇଥିଲେ ମଧ୍ୟ ମହିଳା ଓ ବାଳିକାମାନେ ବିଶେଷଭାବରେ ଏହି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଉକ୍ତ ପୁସ୍ତିକାରେ ମହିଳା ଓ ବାଳିକା ଚାଲାଣ ସମସ୍ୟା ଓ ତା'ର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି ।

## ମହିଳା ଓ ବାଳିକା ଚାଲାଣ କହିଲେ କ'ଣ ବୁଝାଯାଏ ?

"ବ୍ୟକ୍ତିଚାଲାଣ"ର ସଂଜ୍ଞା, ଉଭୟ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ଭିନ୍ନଭିନ୍ନ ଭାବରେ ନିରୂପିତ ହୋଇଥିଲେ ମଧ୍ୟ ଜାତିସଂଘର "ଚାଲାଣ ପ୍ରୋଟୋକଲ୍-୨୦୦୦" ରେ ବ୍ୟକ୍ତି ଚାଲାଣର ଯେଉଁ ସଂଜ୍ଞା ନିରୂପିତ ହୋଇଛି, ତାହାକୁ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶ ଗ୍ରହଣ କରିଛନ୍ତି । ତେଣୁ ଜାତିସଂଘର ସେହି ଚାଲାଣ ପ୍ରୋଟକଲ୍ ଅନୁସାରେ ଯେ କୌଣସି ବ୍ୟକ୍ତିଙ୍କୁ ଭୟଭୀତ କରି, କ୍ଷମତାର ଅପବ୍ୟବହାର କରି କିମ୍ବା ବାଧ୍ୟତାମୂଳକ

ଶ୍ରମିକ ବା ଦାସତ୍ୱ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେଉଥିଲେ, ନିଯୁକ୍ତି ଦେଉଥିଲେ ବା ରଖିଥିଲେ, ତାହାକୁ ଆମେ ବ୍ୟକ୍ତି ଚାଲାଣ କହିପାରିବା । ସଂକ୍ଷେପରେ କହିଲେ ବ୍ୟକ୍ତିଚାଲାଣ ଏମିତି ଏକ ସମସ୍ୟା ଯେଉଁଥିରେ କେତେକ ମଧ୍ୟସ୍ଥ ଥିବେ, ଗୋଟେ ସ୍ଥାନରୁ ଆଉ ଗୋଟେ ସ୍ଥାନକୁ ସ୍ଥାନାନ୍ତର ହେଉଥିବେ, କୌଣସି ଶୋଷଣ ଉଦ୍ଦେଶ୍ୟ ଥିବ ଏବଂ ବ୍ୟକ୍ତିଟିର ମାନବିକ ଅଧିକାର ଉଲ୍ଲଘଂନ ହେଉଥିବ । ତେଣୁ ମହିଳା ଓ ବାଳିକା ଚାଲାଣ ସମସ୍ୟାଟିକୁ ମାନବିକ ଅଧିକାରର ଉଲ୍ଲଘଂନ ପରିପ୍ରେକ୍ଷୀରେ ବୁଝିବାକୁ ପଡ଼ିବ । ସେହିଭଳି ଭାବରେ ସ୍ଥାନାନ୍ତର (Migration) ଏବଂ ଚାଲାଣକୁ (Trafficking) ପୃଥକ୍ ପୃଥକ୍ ଭାବରେ ବୁଝିବାକୁ ପଡ଼ିବ । 'ସ୍ଥାନାନ୍ତର' ହେଉଥିବା ବ୍ୟକ୍ତି ସାମାଜିକ, ଅର୍ଥନୈତିକ କାରଣରୁ ନିଜ ଇଚ୍ଛାରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ  ଯାଇଥାନ୍ତି । କିଂତୁ ତାକୁ ଯଦି ସେ ଯାଗାରେ ଜବରଦସ୍ତି ଅଟକ ରଖି ଅଧିକ ସମୟ କାମ କରାଇ ଅଳ୍ପ ମଜୁରୀ ଦିଆଯାଏ ତେବେ ସେ କ୍ଷେତ୍ରରେ ବ୍ୟକ୍ତି ଜଣକ ଚାଲାଣର ଶିକାର ହୋଇଛି ବୋଲି ବୁଝାପଡେ । ସମୟେ ସମୟେ ସ୍ଥାନାନ୍ତର ବ୍ୟକ୍ତି ମଧ ଚାଲାଣର ଶିକାର ହୋଇଥାଆନ୍ତି । ସେହିପରି ଚାଲାଣର ଶିକାର ହୋଇଥିବା ବ୍ୟକ୍ତି ମିଥ୍ୟା ପ୍ରଲୋଭନ ଦ୍ୱାରା ବାହାଘର ହେଉ କିମ୍ବା କାମର ବାହାନାରେ ଚାଲାଣର ଶିକାର ହୋଇଥାଆନ୍ତି ଏବଂ ବିଭିନ୍ନ ଶୋଷଣର ଶିକାର ହେବା ସହିତ ସେମାନଙ୍କର ମାନବିକ ଅଧିକାରର ଉଲ୍ଲଘଂନ ହୋଇଥାଏ ବୋଲି ବୁଝାପଡେ ।

## ଓଡ଼ିଶାରେ ମହିଳା ଓ ବାଳିକା ଚାଲାଣର ପ୍ରକାର ଓ ସ୍ୱରୂପ କ'ଣ ?

ଓଡ଼ିଶାରେ ସରକାରୀ ସ୍ତରରେ ମହିଳା ଓ ବାଳିକା ଚାଲାଣ ସମସ୍ୟା ଉପରେ ଅନେକ ପଦକ୍ଷେପ ନିଆଯାଇଥିଲେ ମଧ ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ । ଏଥିପାଇଁ ନିୟମିତ ଯେଉଁ ଆଲୋଚନା, ପର୍ଯ୍ୟାଲୋଚନା ହେବା କଥା ତାହା ହେଉନାହିଁ । ସରକାରୀ ସ୍ତରରେ ଅନେକ ତଥ୍ୟ ମଧ୍ୟ ଉପଲବ୍ଧ ନାହିଁ । କିନ୍ତୁ ବେସରକାରୀ ସ୍ତରରେ

ଅନେକ ସମୟରେ ମହିଳା ଓ ବାଳିକା ଚାଲାଣକୁ ନେଇ ବିଭିନ୍ନ ଆଲୋଚନା ତଥା ଗବେଷଣାମାନ ହୋଇଛି ଏବଂ ସଂପ୍ରତି ଏ ଦିଗରେ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏସବୁଥିରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ଉଭୟ ଉପକୂଳ ଅଞ୍ଚଳ ଏବଂ ଆଦିବାସୀ ବହୁଳ ଅଞ୍ଚଳରୁ ମହିଳା ଓ ବାଳିକାମାନେ ଚାଲାଣର ଶିକାର ହେଉଛନ୍ତି । ଓଡ଼ିଶାରେ ମୁଖ୍ୟତଃ ଆନ୍ତଃରାଜ୍ୟ ଚାଲାଣର ଶିକାର ହେଉଛନ୍ତି । ଓଡ଼ିଶାରେ ମୁଖ୍ୟତଃ ଆନ୍ତଃରାଜ୍ୟ ଚାଲାଣ ବା ରାଜ୍ୟ ବାହାରକୁ ଦେଶର ବିଭିନ୍ନ ରାଜ୍ୟକୁ ମହିଳା ଓ ବାଳିକାମାନଙ୍କୁ ଚାଲାଣ କରି ନିଆଯାଇଥାଏ । ଦେଖାଯାଇଛି ଯେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ପଞ୍ଜାବ, ହରିଆଣା, ଆନ୍ଧ୍ର, କେରଳ ପ୍ରଭୃତି ରାଜ୍ୟକୁ ଯାଇଥାନ୍ତି । ଏହା ବ୍ୟତୀତ ରାଜ୍ୟ ଭିତରେ ମଧ୍ୟ ଭୁବନେଶ୍ୱର ଓ ପୁରୀ ଭଳି ସହରକୁ ବିଭିନ୍ନ ଜିଲ୍ଲାରୁ ଚାଲାଣର ଶିକାର ହୋଇଥିବା ମହିଳାମାନଙ୍କୁ ବିଶେଷତଃ ବିଭିନ୍ନ ଅଣସଂଗଠିତ କ୍ଷେତ୍ର ଯଥା ଇଟାଭାଟି, ଘରୋଇ ସାହାଯ୍ୟକାରୀ, ପଥର କାଟିବା କିମ୍ବା ଲୁଗାକଳ ଇତ୍ୟାଦିରେ ନିଯୁକ୍ତି ଦିଆଯାଇଥାଏ । ଏତଦ୍ ବ୍ୟତୀତ ଅନେକଙ୍କୁ ମଧ୍ୟ ବାହାଘର ନାଁରେ ଆଣି ବିଭିନ୍ନ ଅନୈତିକ କାର୍ଯ୍ୟରେ ଲଗାଇଥାନ୍ତି । କନ୍ଧମାଳ ପରି ଜିଲ୍ଲାରୁ ଅସହ୍ୟ ଦାରିଦ୍ର୍ୟ ଯୋଗୁଁ ପେଟପାଟଣା ଦାୟରେ ମହିଳାମାନେ ଚାଲାଣର ଶିକାର ହୋଇଥାନ୍ତି ।

## ଚାଲାଣର କାରଣ

ମହିଳା ଓ ବାଳିକା ଚାଲାଣ ସମସ୍ୟାଟିକୁ ଲିଂଗଗତ ଭେଦଭାବ ଜନିତ ହିଂସା ପରିପ୍ରେକ୍ଷୀରେ ଦେଖିଲେ ଏହା ହିଁ ମୁଖ୍ୟ କାରଣ ଭାବରେ ଜଣାପଡ଼େ । ମାତ୍ର ଓଡ଼ିଶାରେ ବ୍ୟକ୍ତି ଚାଲାଣର ଅନ୍ୟ ପ୍ରମୁଖ କାରଣ ଗୁଡ଼ିକ ହେଲା –

- ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକରୀ ଯୋଜନାର ରୂପାୟନରେ ବିଫଳତା

- ବନ୍ୟା, ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକ
- ଅନ୍ୟ ରାଜ୍ୟରେ କମ୍ ମଜୁରୀରେ ଶ୍ରମିକ ଚାହିଦା ବୃଦ୍ଧି
- ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପ ପାଇଁ ହେଉଥିବା ଉଚ୍ଛେଦ
- କୃଷି ଉପରେ ମାତ୍ରାଧିକ ନିର୍ଭରଶୀଳତା
- ତଥା ସର୍ବୋପରି ସଚେତନତାର ଅଭାବ

ଏତଦ୍‌ଭିନ୍ନ ମହିଳାମାନେ ଶିକାର ହେଉଥିବା ବିଭିନ୍ନ ପ୍ରକାର ହିଂସା ଯଥା ଯୌତୁକ ସମେତ ଅନ୍ୟାନ୍ୟ ପାରିବାରିକ ହିଂସା ପୁଅ ଓ ଝିଅର ଅନୁପାତରେ ବିଷମତା ଇତ୍ୟାଦି ଚାଲାଣର ପ୍ରମୁଖ କାରଣ ବୋଲି ଜଣାପଡ଼େ ।

## ସାଧାରଣତଃ କେଉଁମାନେ ଚାଲାଣରେ ସାହାଯ୍ୟ କରନ୍ତି ?

ବିଭିନ୍ନ ସ୍ତରର ଆଲୋଚନା ତଥା କ୍ଷେତ୍ର ଅଭିଜ୍ଞତାରୁ ଜଣାପଡ଼େ ଯେ ମୁଖ୍ୟତଃ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ମହିଳା ଓ ବାଳିକା ତଥା ଯୁବତୀମାନେ ଚାଲାଣର ଶିକାର ହୋଇଥାନ୍ତି । ତେବେ ଚାଲାଣର ମାଧ୍ୟମ ଭାବରେ ଯେଉଁମାନେ ସହଯୋଗ କରନ୍ତି, ସେମାନଙ୍କୁ ସବୁବେଳେ ଚିହ୍ନଟ ସହଜ ହୁଏ ନାହିଁ । ନିଜର ନିତିଦିନିଆ କାର୍ଯ୍ୟରେ ହିଁ ସେମାନେ ଚାଲାଣରେ ସହଯୋଗ କରିଥାନ୍ତି । ସେହିପରି ସମ୍ଭାବନା ଥିବା ବ୍ୟକ୍ତିମାନେ ହେଲେ-

- ଶ୍ରମିକ ନିଯୁକ୍ତି ଦେଉଥିବା କଣ୍ଟ୍ରାକ୍ଟର
- ନିଯୁକ୍ତି ପ୍ରଦାନ କରିବାରେ ସହଯୋଗ କରୁଥିବା ସଂସ୍ଥା
- ବିବାହ ଉପଯୋଗୀ ପୁରୁଷ ଏବଂ ତାଙ୍କର ପରିବାର ତଥା ବଂଧୁବର୍ଗ
- ସଂପର୍କୀୟ ଭାଇ, ମାମୁ, ଦାଦା ଇତ୍ୟାଦି

ଯେହେତୁ ନିକଟରୁ ଜାଣିଥିବା ବ୍ୟକ୍ତିମାନେ ଚାଲାଣ କରିବାରେ ସହଯୋଗ କରନ୍ତି, ସେମାନଙ୍କୁ ଚିହ୍ନଟ କରିବା ସହଜ ହୋଇନଥାଏ ।



## ଚାଲାଣ ପୀଡ଼ିତା ମହିଳା ଓ ବାଳିକାମାନଙ୍କର କେଉଁ ମାନବିକ ଅଧିକାର ଉଲ୍ଲଘଂନ ହୋଇଥାଏ ?

ଚାଲାଣର ଶିକାର ହୋଇଥିବା ବ୍ୟକ୍ତିଟିର ବିଭିନ୍ନ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୁଏ । ଯଥା :

- ଚାଲାଣ ପୀଡ଼ିତା ମହିଳା ଶାରୀରିକ ଓ ଯୌନଗତ ହିଂସାର ଶିକାର ହୋଇଥାଏ ।
- ସଠିକ୍‌ମଜୁରୀ ପାଆନ୍ତି ନାହିଁ
- ଅମାନବୀୟ ଏବଂ ଦୁସ୍ଥ ପରିବେଶରେ କାର୍ଯ୍ୟ କରନ୍ତି ।
- ଯିବା ଆସିବାରେ କଟକଣା
- କାର୍ଯ୍ୟସ୍ଥଳୀରେ ସୁସ୍ଥ ପରିବେଶର ଅଭାବ
- ସ୍ୱାସ୍ଥ୍ୟ ସୁବିଧା ପାଇବାରୁ ବଂଚିତ
- ଶିକ୍ଷା ସୁବିଧା ପାଇବାରୁ ବଂଚିତ

ଏତଦ୍ ବ୍ୟତୀତ ଚାଲାଣ ପୀଡ଼ିତା ମହିଳା ଓ ବାଳିକାମାନେ ସମାଜରେ ସାମାଜିକ ବାସନ୍ଦର ଶିକାର ମଧ୍ୟ ହୋଇଥାନ୍ତି ।

## ଚାଲାଣ ପରବର୍ତ୍ତୀ ଫଳାଫଳ :

ଚାଲାଣ ପରବର୍ତ୍ତୀ ସମୟରେ ପୀଡ଼ିତା ମହିଳା ଓ ବାଳିକା ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହା ଫଳରେ ପୀଡ଼ିତା ମହିଳା ମାନଙ୍କର କେବଳ ଯେ ମାନବିକ ଅଧିକାର ଉଲ୍ଲଘଂନ ହୋଇଥାଏ ତାହା ନୁହେଁ, ସେମାନେ ନାନାବିଧ ଶାରୀରିକ, ମାନସିକ ଏବଂ ନୈତିକ ଚାପର ସମ୍ମୁଖୀନ ହୋଇଥାନ୍ତି । ଏତଦ୍ ଭିନ୍ନ ପୀଡ଼ିତାମାନେ ବିଭିନ୍ନ ପ୍ରକାର ରୋଗ ବା ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଚାଲାଣ ପରବର୍ତ୍ତୀ ସମୟରେ ଉଭୟ ପରିବାର ଓ ସମାଜ ସେମାନଙ୍କୁ ଗ୍ରହଣ କରନ୍ତି ନାହିଁ, ଫଳରେ ପୀଡ଼ିତାଟି ମାନସିକ ଭାରସାମ୍ୟ ହରାଇ ଥାଏ । ଯଦିବା କୌଣସି ପ୍ରକାରେ ଗାଁକୁ ବା ପରିବାରକୁ ଫେରିଥାଏ ତେବେ ସେମାନଙ୍କୁ କୌଣସି ପ୍ରକାର ଜୀବିକାର୍ଜନର ସୁଯୋଗ ବା କାମ ମିଳେ ନାହିଁ ।

ପରିବାରରେ ଥିବା ଅବିବାହିତ ଭଉଣୀ ବା ଭାଇଙ୍କର ବାହାଘରରେ ସମସ୍ୟା ସୃଷ୍ଟିହେବା ଦ୍ୱାହି ଦେଇ ପରିବାର ସଦସ୍ୟମାନେ ତାଙ୍କୁ ଗ୍ରହଣ କରନ୍ତି ନାହିଁ । ଏପରି ପରିସ୍ଥିତିରେ ଯେଉଁ ପରିବାର ପାଇଁ ସେମାନେ ନିଜର ସ୍ୱପ୍ନ, ସୁଖ ଓ ନିରାପତ୍ତାକୁ ବିପନ୍ନ କରିଦିଅନ୍ତି, ସେହିମାନେ ପରିଶେଷରେ ସେମାନଙ୍କୁ ଗ୍ରହଣ କରନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ଚାଲାଣ ଏପରି ଏକ ସମସ୍ୟା, ଯାହା ଖୁବ୍ ଜଟିଳ ।

### ବିଶେଷ ସୂଚନା

ଯଦି କୌଣସି ମହିଳା ଅସହାୟ ଅବସ୍ଥାରେ ଥାଇ, ଆଶ୍ରୟ ଆବଶ୍ୟକ କରୁଥାନ୍ତି, ତେବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ 'ସ୍ୱଧାର', 'ଉଜ୍ଜ୍ୱଳା' ଆଶ୍ରୟ ଗୃହମାନଙ୍କରେ ରହି ପାରିବେ । ଏଥିପାଇଁ ଜିଲ୍ଲାରେ ଥିବା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

## କିପରି ଆମେ ଚାଲାଣ ରୋକିବାରେ ସାହାଯ୍ୟ କରିପାରିବା ?

ଚାଲାଣ ପରି ଏକ ଘୃଣ୍ୟ ସମସ୍ୟା ଦୂର କରିବାରେ ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ରହିଛି । ବିଶେଷକରି କାମ ଅନ୍ୱେଷଣରେ ବା ଅନ୍ୟ ଉଦ୍ଦେଶ୍ୟରେ ସ୍ଥାନାନ୍ତର ହେଉଥିବା ବ୍ୟକ୍ତି କେତୋଟି ସତର୍କତା ମୂଳକ ପଦକ୍ଷେପ ନେଇପାରିବେ । ସେଗୁଡିକ ହେଲା –

(୧) ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖରେ ନାମ ପଂଜୀକୃତ କରିବା ଆବଶ୍ୟକ ।

(୨) କାମ ପାଇଁ ବାହାରକୁ ଶ୍ରମିକ ନେଉଥିବା ବ୍ୟକ୍ତି ରେଜିଷ୍ଟ୍ରୀଭୁକ୍ତ କଣ୍ଟ୍ରାକ୍ଟର କି ନୁହଁ ତାହା ଜାଣିନେବା ଆବଶ୍ୟକ ।

(୩) ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟରେ ଥିବା ଆଇ.ଏ.ଏଚ୍.ଟି.ୟୁ ବା **"ସମନ୍ୱିତ ମାନବ ଚାଲାଣ ବିରୋଧ କେନ୍ଦ୍ର"** ସହିତ ଯୋଗାଯୋଗ କରିବା ଆବଶ୍ୟକ ।

(୪) ଚାଲାଣ ବିଷୟରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାଚାରୀ ସଂଗଠନ ସହ ଯୋଗାଯୋଗ କରିବା ଆବଶ୍ୟକ ।

## ଚାଲାଣ ରୋକିବା ପାଇଁ ସରକାରୀ ବ୍ୟବସ୍ଥା :

ଭାରତୀୟ ସମ୍ବିଧାନର ବିଭିନ୍ନ ଧାରାରେ ବ୍ୟକ୍ତି ଚାଲାଣ ବିଶେଷତଃ ମହିଳା ଚାଲାଣକୁ ବନ୍ଦ କରିବା ପାଇଁ ବ୍ୟବସ୍ଥା ଅଛି । ଏଥି ସହିତ ଚାଲାଣ ରୋକିବାରେ ପୋଲିସ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡିଶାରେ ସଂପ୍ରତି ୧୨ଟି ଜିଲ୍ଲାରେ ଆଇ.ଏ.ଏଚ୍.ଟି.ୟୁ ବା ସମନ୍ୱିତ ବ୍ୟକ୍ତି ଚାଲାଣ ନିରୋଧ କେନ୍ଦ୍ର ରହିଛି । ଯେକୌଣସି ମହିଳା ବା ତାଙ୍କ ତରଫରୁ ପରିବାର ଲୋକ ସିଧା ସଳଖ ଭାବରେ ଏହି କେନ୍ଦ୍ର ଗୁଡିକର ସହାୟତା ନେଇପାରିବେ ।

ଓଡ଼ିଶାରେ ଥିବା ୧୨ଟି **ସମନ୍ୱିତ ମାନବ ଚାଲାଣ ବିରୋଧ କେନ୍ଦ୍ର (IAHTU)** ର ଠିକଣା ନିମ୍ନରେ ଦିଆଯାଇଛି ।

| ଜିଲ୍ଲାର ନାମ | ଆଇ.ଏ.ଏଚ୍.ଟି.ୟୁ.ର ଠିକଣା | ଭାରପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନମ୍ବର |
|---|---|---|
| ଭୁବନେଶ୍ୱର | କମିଶନରେଟ୍ ଅଫିସ୍ | ଶ୍ରୀମତୀ ବିଳାସିନୀ ନାୟକ<br>**୯୪୩୯୨୬୩୬୪୬** |
| କଟକ | କ୍ରାଇମ୍ ବ୍ରାଞ୍ଚ, ଆଇ.ଜି.ଅଫିସ୍ | ଶ୍ରୀ ବିଜୟାନନ୍ଦ ମହାନ୍ତି<br>୦୮୮୯୫୫୫୩୩୪୪ |
| କଟକ | କେନ୍ଦ୍ରାଞ୍ଚଳ, ଡି.ଆଇ.ଜି.ପୋଲିସ୍, କଟକ | ଶ୍ରୀମତୀ ମମତାରାଣୀ ପଣ୍ଡା<br>**୮୭୬୩୪୭୬୧୦୨** |
| କଟକ | ଆଇ.ଜି.ପୋଲିସ୍, ରେଳବାଇ | ଶ୍ରୀ ଅଜିତ କୁମାର ମହାନ୍ତି<br>୦୬୭୧-୨୩୦୬୬୧୫ |
| ତାଳଚେର | ଉତ୍ତରକେନ୍ଦ୍ରାଞ୍ଚଳ ଡି.ଆଇ.ଜି.ପୋଲିସ୍ ଅଫିସ୍ | ଗୀତାଞ୍ଜଳୀ ସାହୁ<br>୦୬୭୬୦-୨୪୧୦୦୬ |
| ସୁନ୍ଦରଗଡ | ଡି.ଆଇ.ଜି. ଅଫିସ୍, ରାଉରକେଲା | ଶ୍ରୀ ଦ୍ରୁପଦ ରଞ୍ଜନ ଗରିଆ<br>୦୬୬୧-୨୬୪୦୪୪୫ |
| ସମ୍ବଲପୁର | ଡି.ଆଇ.ଜି. ଅଫିସ୍, ସମ୍ବଲପୁର | ୦୬୭୩-୨୪୦୦୦୧୬ |
| ଗଂଜାମ | ଡି.ଆଇ.ଜି. ଅଫିସ୍, ବ୍ରହ୍ମପୁର | ୦୬୮୦-୨୨୯୨୦୦୦ |
| ବାଲେଶ୍ୱର | ଡି.ଆଇ.ଜି. ଅଫିସ୍, ବାଲେଶ୍ୱର | ୦୬୭୮୨-୨୬୨୮୦୨ |
| କନ୍ଧମାଳ | ଏସ୍.ପି. ଅଫିସ୍, ଫୁଲବାଣୀ, | ଶ୍ରୀମତୀ ବୈଦେହୀ କୁମାରୀ ବେହେରା<br>ମୋ.: ୯୪୩୭୮୨୯୦୧୯ |
| ସୁନ୍ଦରଗଡ | ଏସ୍.ପି ଅଫିସ୍ | ୦୬୬୨୨-୨୭୩୫୩୫ |
| କୋରାପୁଟ | ଦକ୍ଷିଣ ପଶ୍ଚିମ ରେଞ୍ଜ ପୋଲିସ୍ ଅଫିସ୍ | ଏସ.ଜେ.ଆଇ ମାର୍ଗ<br>୦୯୪୩୮-୨୨୨୦୧୧ |



କନ୍ଧମାଳ ଜିଲ୍ଲା ଏସ୍.ପି.ଅଫିସ୍ ରେ ଥିବା ଆଇ.ଏସ୍.ଡି. ଦ୍ୱାରା ପରିଚାଳିତ **"ମହିଳା ସହଯୋଗ କେନ୍ଦ୍ର"** ମହିଳାମାନଙ୍କର ଯେକୌଣସି ସମସ୍ୟାର ସମାଧାନ ପାଇଁ ପରାମର୍ଶ ସେବା ପ୍ରଦାନ କରିଥାଏ । ଏଥିସହ ଯୋଗାଯୋଗ କରିବାର ଠିକଣା -

**ମହିଳା ସହଯୋଗ କେନ୍ଦ୍ର**
ଏସ୍.ପି ଅଫିସ୍, ଫୁଲବାଣୀ
**ଯୋଗାଯୋଗ ନମ୍ବର-**
୯୪୩୯୩୦୭୩୭୪
୯୪୩୯୯୦୮୪୮୫




Institute for Social Development

95, Phase-II, Kanan Vihar, Patia, Bhubaneswar, ODISHA, PIN- 751024
Phone No : 0674-6451141,
Email : isd_bbsr@rediffmail.com    web: www.isdbbsr.org